# NATIONAL NEWS BULLETIN (ODIA)

## 20 January - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ୨୦୩୨ ସୁଦ୍ଧା ଭାରତ ଏବଂ ୟୁ.ଏ.ଇ. ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୦ ବିଲିୟନ୍ ଡଲାର୍ କରିବା ଲାଗି ସହମତ ।
- ଦେଶରେ ବିମାନ ଭଡ଼ାରେ ଅଚାନକ ପରିବର୍ତ୍ତନ ନେଇ ଆଗତ ମାମଲାରେ ହସ୍ତକ୍ଷେପ କରିବେ ସୁପ୍ରିମ୍‌କୋର୍ଟ୍ ।
- ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍ ଦେଖିବା ଲାଗି ୧୦ ହଜାର ସ୍ୱତନ୍ତ୍ର ଅତିଥି ନିମନ୍ତ୍ରିତ ।
- ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବନ୍ଦେ ମାତରମ୍ କୋଷ୍ଟାଲ୍ ସାଇକ୍ଲୋଥନ୍ ଆୟୋଜନ କରିବ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ୬୧ ରନ୍‌ରେ ଗୁଜରାଟ ଜାଏଣ୍ଟସ୍‌କୁ ପରାସ୍ତ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ଏମ୍ଇଏ-ବ୍ରିଫିଂ

୨୦୩୨ ସୁଦ୍ଧା ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦୁଇ ଶହ ବିଲିୟନ ଡଲାର କରିବାକୁ ସହମତ ହୋଇଛନ୍ତି। ଗତକାଲି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍ଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନାରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଭାରତ ଏବଂ ୟୁ.ଏ.ଇ. ମଧ୍ୟରେ ପ୍ରତିରକ୍ଷା, ମହାକାଶ, ଶକ୍ତି ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଅନେକଗୁଡ଼ିଏ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବୈଠକର ଫଳାଫଳ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି, ଉଭୟ ଦେଶ ମଧ୍ୟରେ ରଣନୈତିକ ପ୍ରତିରକ୍ଷା ସହଭାଗୀତା ଉପରେ ଏକ ଚୁକ୍ତିନାମା ନିମନ୍ତେ ଇଚ୍ଛାପତ୍ର ସ୍ୱାକ୍ଷରିତ ହୋଇଛି। ସେ କହିଛନ୍ତି, ମହାକାଶ ଭିତ୍ତିଭୂମି ବିକାଶ ଏବଂ ଏହାର ବାଣିଜ୍ୟୀକରଣ ଉପରେ ମିଳିତ ପଦକ୍ଷେପ ନେବା ଉପରେ ମଧ୍ୟ ଇଚ୍ଛାପତ୍ର ସ୍ୱାକ୍ଷରିତ ହୋଇଛି। ଉଭୟ ଦେଶ ଭାରତରେ ଏକ ସୁପରକମ୍ପ୍ୟୁଟିଂ କ୍ଲଷ୍ଟର ପ୍ରତିଷ୍ଠା ପାଇଁ ସହମତ ହୋଇଛନ୍ତି।

## ଏସ୍‌ସି-ଏଆଇଆର୍ ଫେୟାର୍

ଦେଶରେ ବିମାନ ଭଡ଼ାରେ ଦେଖାଦେଉଥିବା ଅନିଶ୍ଚିତତା ଏବଂ ପର୍ବପର୍ବାଣୀ ସମୟରେ ଅତ୍ୟଧିକ ଭଡ଼ା ବୃଦ୍ଧି ଜନିତ ମାମଲାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବେ ବୋଲି କହିଛନ୍ତି । ଏକ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ବିମାନ ଭଡ଼ାର ଅତ୍ୟଧିକ ବୃଦ୍ଧିକୁ ଶୋଷଣ ବୋଲି କହିବା ସହ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟକୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଦେଶରେ ଘରୋଇ ବିମାନ ଭଡ଼ା ଏବଂ ଆନୁଷଙ୍ଗିକ ଶୁଳ୍କରେ ଅନିଶ୍ଚିତତାକୁ ନିୟନ୍ତ୍ରଣ କରିବା ଲାଗି ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ପାଇଁ ଏହି ଜନସ୍ୱାର୍ଥ ଆବେଦନ କରାଯାଇଛି। ସର୍ବୋଚ୍ଚ ଅଦାଲତ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାମାସ ୨୩ ତାରିଖରେ କରିବା ଲାଗି ଦିନ ଧାର୍ଯ୍ୟ କରିଛନ୍ତି ।

## ରିପବ୍ଲିକ୍ ଡେ’-ସ୍ପେଶାଲ ଗେଷ୍ଟ

ଚଳିତ ବର୍ଷ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଆୟୋଜିତ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍ ଦେଖିବା ଲାଗି ୧୦ ହଜାର ସ୍ୱତନ୍ତ୍ର ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ

କୁହାଯାଇଛି । ଦେଶରେ ଆୟବୃଦ୍ଧି, ନିଯୁକ୍ତି ସୃଷ୍ଟି, ସୃଜନଶୀଳତା, ଷ୍ଟାର୍ଟଅପ୍, ସ୍ୱୟଂସହାୟକ ଗୋଷ୍ଠୀ ଓ ବିଭିନ୍ନ ସରକାରୀ ଯୋଜନାରେ ଉତ୍ତମ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି ।

ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଜନଭାଗିଦାରୀ ଅଭିଯାନ ଅଧୀନରେ ଦେଶ ପ୍ରତି ସ୍ୱତନ୍ତ୍ର ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରାଯିବ ।

## ବିଜେପି-ନ୍ୟୁ ପ୍ରେସିଡେଣ୍ଟ

ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନୀତିନ ନବୀନ ଦଳର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ । ଦଳର ଜାତୀୟ ରିଟର୍ଣ୍ଣିଂ ଅଧିକାରୀ ଡକ୍ଟର କେ. ଲକ୍ଷ୍ମଣ କହିଛନ୍ତି, ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ କେବଳ ନୀତିନ ନବୀନଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା । ଏହି ବିଷୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ । ଡକ୍ଟର ଲକ୍ଷ୍ମଣ କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ନୀତିନ ନବୀନଙ୍କ ସପକ୍ଷରେ ୩୭ ସେଟ୍ ନାମାଙ୍କନ ପତ୍ର ଗ୍ରହଣ କରାଯାଇଛି । ଯାଞ୍ଚ ପରେ, ସମସ୍ତ ନାମାଙ୍କନ ପତ୍ର ବୈଧ ରହିଛି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂହ, ନୀତିନ ଗଡକରୀ ଏବଂ ବିଜେପିର ସଂସଦୀୟ ଦଳ

ବୋର୍ଡର ଅନ୍ୟ ସଦସ୍ୟମାନେ ନୀତିନ ନବୀନଙ୍କ ନାମ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ପ୍ରସ୍ତାବ ଦେଇଥିଲେ।

ସୂଚନା ଯୋଗ୍ୟ କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା ଏବେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଛନ୍ତି । ସେ ୨୦୧୯ରେ ବିଜେପିର ଜାତୀୟ କାର୍ଯ୍ୟକାରୀ ସଭାପତି ଭାବରେ ନିଯୁକ୍ତି ପାଇଥିଲେ ଏବଂ ପରେ ୨୦୨୦ ଜାନୁଆରୀରେ ସେ ନିର୍ବିରୋଧରେ ଦଳର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ।

## ବୈଷ୍ଣବ-ବୁଲେଟ ଟ୍ରେନ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କରିଡରରେ ବିଦ୍ୟୁତୀକରଣ ଲାଗି ଖୁଣ୍ଟି ସ୍ଥାପନ କାର୍ଯ୍ୟ ଆଗେଇ ଚାଲିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଏହା ଦେଶର ପ୍ରଥମ ଦ୍ରୁତଗତି ସମ୍ପନ୍ନ ରେଳ ବ୍ୟବସ୍ଥା ପାଇଁ ବୈଦ୍ୟୁତିକ ଟ୍ରାକ୍ସନ୍ ସକ୍ଷମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ସିଆଇଏସ୍ଏଫ୍-ବନ୍ଦେ ମାତରମ୍

ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ – ସି.ଆଇ.ଏସ୍.ଏଫ୍. 'ବନ୍ଦେ ମାତରମ୍ କୋଷ୍ଟାଲ୍ ସାଇକ୍ଲୋଥନ୍-୨୦୨୬'ର ଦ୍ୱିତୀୟ ସଂସ୍କରଣ ଆୟୋଜନ କରିବ। ଆସନ୍ତା ଜାନୁଆରୀ ୨୮ ତାରିଖରେ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମରୁ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ସାଇକ୍ଲୋଥନ୍‌ର ଆଭାସୀ ଜରିଆରେ ଶୁଭାରମ୍ଭ କରିବେ। ଏଥିରେ ୬୫ ଜଣ ମହିଳା କର୍ମଚାରୀଙ୍କ ସମେତ ମୋଟ ୧୩୦ ଜଣ ସି.ଆଇ.ଏସ୍.ଏଫ୍. ଅଧିକାରୀ ସାଇକ୍ଲୋଥନ୍‌ରେ ଅଂଶଗ୍ରହଣ କରିବେ । ଦେଶବ୍ୟାପୀ ଏହି ସାଇକ୍ଲୋଥନ୍ ନଅଟି ଉପକୂଳ ରାଜ୍ୟ ମଧ୍ୟରେ ୬ ହଜାର ୫୦୦ କିଲୋମିଟର ପରିକ୍ରମା କରିବ। ଚଳିତ ବର୍ଷ ଏହି ସାଇକ୍ଲୋଥନ୍‌ର ବିଷୟବସ୍ତୁ ରହିଛି – 'ସୁରକ୍ଷିତ ଉପକୂଳ ଓ ସମୃଦ୍ଧ ଭାରତ' । ସେ କହିଛନ୍ତି, ଏହି ସାଇକ୍ଲୋଥନ୍ ୮ ଦିନରେ ୯୬୪ କିଲୋମିଟର ସମ୍ପୂର୍ଣ୍ଣ କରି ଆସନ୍ତା ଫେବୃଆରୀ ୪ ତାରିଖରେ ଚିଲିକା ଏବଂ ସୋମପେଟାରେ ପ୍ରବେଶ କରିବ । ଫେବୃୟାରୀ ୨୨ରେ ଏହି ସାଇକ୍ଲୋଥନ୍ ଉଦ୍‌ଯାପିତ ହେବ ।

# ଇଣ୍ଟରମିନିଷ୍ଟିରିୟାଲ୍ ମିଟିଂ

କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦର ଯାଦବ, ନୀତିନ ଗଡକରୀ, ମନୋହର ଲାଲ ଏବଂ ଜି. କିଶନ ରେଡ୍ଡୀ ନୂଆଦିଲ୍ଲୀରେ ଏକ ଆନ୍ତଃମନ୍ତ୍ରାଳୟ ବୈଠକରେ ଯୋଗ ଦେଇଛନ୍ତି । ବୈଠକରେ ଇ-ବର୍ଜ୍ୟବସ୍ତୁରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରାଯାଇଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯାଦବ କହିଛନ୍ତି, ସହରଗୁଡ଼ିକରେ ଇଲେକ୍ଟ୍ରୋନିକ୍ ଆବର୍ଜନାର ପରିଚାଳନା ଏବଂ ଜାତୀୟ ରାଜପଥ ପାଇଁ ପୁରୁଣା ଡମ୍ପସାଇଟରୁ ଅବ୍ୟବହୃତ ସାମଗ୍ରୀର  ପୁନଃବ୍ୟବହାର ଉପରେ ସମୀକ୍ଷା କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମିଶନ ଲାଇଫଷ୍ଟାଇଲ୍ ଫର ଫରଏଭରକୁ ଉତ୍ସାହିତ କରିବା ପାଇଁ ପରିବେଶ ଅନୁକୂଳ ଜୀବନଶୈଳୀକୁ ଯେଭଳି ପ୍ରୋତ୍ସାହିତ କରାଯାଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଛି । ଇ-ବର୍ଜ୍ୟ ପରିଚାଳନା ଏକ ସ୍ଥାୟୀ ଜୀବନର ସାତଟି ନୀତି ମଧ୍ୟରୁ ଗୋଟିଏ। ଅନ୍ୟଗୁଡ଼ିକ ହେଉଛି - ଶକ୍ତି ସଂରକ୍ଷଣ, ଖାଦ୍ୟ ସଂରକ୍ଷଣ, ଜଳ ସଂରକ୍ଷଣ, ଏକକ ବ୍ୟବହାର ପ୍ଲାଷ୍ଟିକ୍ ନିଷେଧ ଓ ବର୍ଜ୍ୟ ପରିଚାଳନ କରି ସୁସ୍ଥ ଜୀବନଶୈଳୀ ଆପଣେଇବା ।

## ଯୋଶୀ-କଂଗ୍ରେସ ବାଲାଟ ପେପର

କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ପ୍ରହଲ୍ଲାଦ ଯୋଶୀ କହିଛନ୍ତି ଯେ କର୍ଣ୍ଣାଟକରେ ବାଲାଟ ପେପର ବ୍ୟବହାର କରି ସ୍ଥାନୀୟ ସଂସ୍ଥା ନିର୍ବାଚନ କରିବା ନିଷ୍ପତ୍ତି ଏକ ଅନୁକୂଳ ପଦକ୍ଷେପ ନୁହେଁ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି ଯେ ରାଜ୍ୟ ସରକାର ଦେଶରେ ଗ୍ରହଣ କରାଯାଇଥିବା ନିର୍ବାଚନ ବ୍ୟବସ୍ଥାକୁ  ଦୁର୍ବଳ କରୁଥିବା ମିଥ୍ୟା ତଥ୍ୟକୁ ସଠିକ୍ ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି । ସେ କହିଛନ୍ତି ଯେ ଇଭିଏମ୍ ପ୍ରଚଳନ ଯୋଗୁଁ ବୁଥ୍ ଜବରଦଖଲ ବହୁ ପରିମାଣରେ ହ୍ରାସ ପାଇଛି । ଶ୍ରୀ ଯୋଶୀ କହିଛନ୍ତି  ବେଙ୍ଗାଲୁରୁ ୧୯୮୦ ଦଶକର ଶେଷ ଭାଗରେ ଇଭିଏମ୍ ପାଇଲଟ୍ କରୁଥିବା ପ୍ରଥମ ସହର ମଧ୍ୟରୁ ଗୋଟିଏ ଥିଲା ଏବଂ ସେଠାରେ ୧୯୯୦ରୁ ଏହାକୁ ଗ୍ରହଣ କରାଯାଇଥିଲା ।

## ଡବ୍ଲ୍ୟୁବି-ଏସ୍ଆଇଆର୍

ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ନିଶ୍ଚିତ କରିଛି ଯେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ହେବ । ନିର୍ବାଚନ କମିଶନଙ୍କୁ ପଠାଯାଇଥିବା ସାପ୍ତାହିକ ରିପୋର୍ଟରେ ଏସ୍.ଆଇ.ଆର୍.

ଶୁଣାଣି ସହ ଜଡିତ ସମସ୍ତ ଘଟଣାର ବିସ୍ତୃତ ବିବରଣୀ ଦାଖଲ କରାଯାଇଥିଲା। ରିପୋର୍ଟ ସମୀକ୍ଷା କରିବା ପରେ, କମିଶନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲଙ୍କୁ ତୁରନ୍ତ ଦିଲ୍ଲୀ ଡକାଇଥିଲେ ଏବଂ ଏକ ବୈଠକ ହୋଇଥିଲା। କମିଶନଙ୍କ ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରେ ଏସ୍.ଆଇ.ଆର୍. ପ୍ରକ୍ରିୟାର ସ୍ୱଚ୍ଛ କାର୍ଯ୍ୟାନ୍ୱୟନ ଏବଂ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଆୟୋଜନ ଉପରେ ଆଲୋଚନା ହୋଇଥିଲା।

ବୈଠକରେ ଆଗାମୀ ୨୦୨୬ ବିଧାନସଭା ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା, ବୁଥ୍ ଭିତ୍ତିଭୂମି ଏବଂ ପରିଚାଳନା ପ୍ରକ୍ରିୟା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଆଜିଠାରୁ ପଶ୍ଚିମବଙ୍ଗରେ ଏସ୍.ଆଇ.ଆର୍. ପ୍ରକ୍ରିୟାର ସ୍ୱତନ୍ତ୍ର ତଦାରଖ ଆରମ୍ଭ ହେବ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ଏହାର ତଦାରଖ କରିବେ।

## ଇୟୁ-ୟୁଏସ୍ ନାଟୋ

ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗ୍ରୀନଲ୍ୟାଣ୍ଡ ଅଧିଗ୍ରହଣ ଘୋଷଣା ସମ୍ପର୍କରେ ଆଲୋଚନା କରିବା ପାଇଁ ଆମେରିକାର

ଏକ ଦ୍ୱିପାକ୍ଷିକ ପ୍ରତିନିଧିମଣ୍ଡଳୀକୁ ଭେଟିଥିଲେ। ସେ ଗ୍ରୀନଲ୍ୟାଣ୍ଡ ଏବଂ ଡେନମାର୍କର ସାର୍ବଭୌମତ୍ୱକୁ ସମ୍ମାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଡେନମାର୍କ ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡ଼ିକ ଉପରେ ଟ୍ରମ୍ପଙ୍କ ଅତିରିକ୍ତ ଶୁଳ୍କ ଲାଗୁର ଜବାବରେ ସେ କହିଥିଲେ, ବର୍ଦ୍ଧିତ ଶୁଳ୍କ ୟୁରୋପୀୟ ସଂଘ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ସ୍ୱାର୍ଥକୁ ଦୁର୍ବଳ କରୁଛି। ପୂର୍ବରୁ, ୟୁକେ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମର୍ କହିଥିଲେ, ଗ୍ରୀନଲ୍ୟାଣ୍ଡର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଜଳବାୟୁ ପରିବର୍ତ୍ତନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

## ମହା ଏମ୍‌ଓୟୁ ଡାଭୋସ୍

ବିଶ୍ୱ ଅର୍ଥନୈତିକ ଫୋରମ୍ ସମ୍ମିଳନୀର ଗତକାଲି ପ୍ରଥମ ଦିନରେ ମହାରାଷ୍ଟ୍ର ସରକାର  ୧୪ ଦଶମିକ୍ ୫ ଲକ୍ଷ କୋଟି ଟଙ୍କାର ନିବେଶ ବୁଝାମଣାପତ୍ର ହାସଲ କରିଛନ୍ତି। ଏହାଦ୍ୱାରା ମହାରାଷ୍ଟ୍ରରେ ସ୍ୱାକ୍ଷରିତ ୧୯ ଟି ବୁଝାମଣାପତ୍ର ବିଭିନ୍ନ କ୍ଷେତ୍ରରେ ୧୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି। ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ 'ବିକଶିତ ମହାରାଷ୍ଟ୍ର ୨୦୪୭' ଦୃଷ୍ଟିକୋଣ ଏବଂ ପାଞ୍ଚ ଟ୍ରିଲିୟନ ଡଲାରର ଅର୍ଥନୀତି ହେବା ନେଇ ଏଭଳି ପଦକ୍ଷେପ ଗ୍ରହଣ

କରାଯାଇଛି । ମୁମ୍ବାଇ ମହାନଗର କ୍ଷେତ୍ର ବିକାଶ ପ୍ରାଧିକରଣ ବ୍ରୁକ୍‌ଫିଲ୍ଡ ଏବଂ ସୁମିତୋମୋ ସମେତ ୧୧ ଲକ୍ଷ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର କରିଛି ।

## ମାଣ୍ଡବ୍ୟ-ଖେଲୋ ଇଣ୍ଡିଆ

ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ୨୦୨୬ ର ପ୍ରଥମ ପର୍ଯ୍ୟାୟ ଆଜି ଲଦାଖର ଲେହରେ ଆରମ୍ଭ ହେବ । ଏଥିରେ ଏକ ହଜାରରୁ ଅଧିକ ପୁରୁଷ ଏବଂ ମହିଳା ଖେଳାଳିଙ୍କ ସମେତ ପ୍ରଶିକ୍ଷକ ଏବଂ ବୈଷୟିକ ଅଧିକାରୀମାନେ ଅଂଶଗ୍ରହଣ କରିବେ । ଚଳିତ ବର୍ଷର ଖେଲୋ ଇଣ୍ଡିଆରେ ନୂତନ ଆକର୍ଷଣ ହେଉଛି – ଫିଗର ସ୍କେଟିଂ, ଯାହା ଏକ ଅଲିମ୍ପିକ୍ ଇଭେଣ୍ଟ । ଖେଲୋ ଇଣ୍ଡିଆରେ ଦୁଇଟି ବରଫ କ୍ରୀଡ଼ା - ସ୍କେଟିଂ ଏବଂ ହକିରେ ୪୭୨ ଜଣ ଖେଳାଳି ଅଂଶଗ୍ରହଣ କରିବେ । କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡାଭିଆ କହିଛନ୍ତି, ଆସନ୍ତା ମାସରେ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ଅନୁଷ୍ଠିତ ହେବ ଏବଂ ଆଗାମୀ ମାସଗୁଡ଼ିକରେ ସାରା ଦେଶରେ ଅନ୍ୟାନ୍ୟ ପ୍ରକାରର ଖେଳ ଅନୁଷ୍ଠିତ ହେବ । ଡକ୍ଟର ମାଣ୍ଡାଭିଆ କହିଛନ୍ତି, ସରକାର ଖେଲୋ ଇଣ୍ଡିଆ କ୍ରୀଡ଼ା କ୍ୟାଲେଣ୍ଡର ଚୂଡ଼ାନ୍ତ କରିସାରିଛନ୍ତି । ଖେଲୋ ଇଣ୍ଡିଆ ଖେଳ ଘରୋଇ କ୍ରୀଡ଼ା ଇକୋସିଷ୍ଟମକୁ ମଜବୁତ କରିବାରେ ଏବଂ ଯୋଗ୍ୟ ଖେଳାଳିମାନଙ୍କୁ

ପ୍ରତିଯୋଗିତା, ପ୍ରଗତି ଓ ଉତ୍କର୍ଷତା ହାସଲ କରିବା ଲାଗି ଅନେକ ସୁଯୋଗ ପ୍ରଦାନ କରୁଥିବା ମନ୍ତ୍ରୀ କହିଛନ୍ତି ।

ଏହି ଶୀତକାଳୀନ କ୍ରୀଡାର ପ୍ରଥମ ପର୍ଯ୍ୟାୟ ଭାରତୀୟ କ୍ରୀଡା ପ୍ରାଧିକରଣର ତତ୍ତ୍ୱାବଧାନରେ ଲଦାଖର ଯୁବ ସେବା ଏବଂ କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ହେଉଛି ।

# ଡବ୍ଲ୍ୟୁପିଏଲ୍ କ୍ରିକେଟ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୬୧ ରନ୍‌ରେ ଗୁଜରାଟ ଜାଏଣ୍ଟସ୍‌କୁ ପରାସ୍ତ କରିଛି । ବି.ସି.ଏ. ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ ହରାଇ ଆର୍.ସି.ବି. ୧୭୮ ରନ୍ ସ୍କୋର୍ କରିଥିଲା । ୧୭୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜୁରାଟ ଜାଏଣ୍ଟସ୍ ୨୦ ଓଭରରେ ୮ ଓ୍ୱିକେଟ ବିନିମୟରେ ୧୧୭ ରନ୍ ସ୍କୋର କରିବାକୁ ସମର୍ଥ ହୋଇଥିଲା ।

ଆଜି ମହିଳା ପ୍ରିମିୟର୍ ଲିଗ୍‌ରେ ବି.ସି.ଏ. ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ’ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।